ଏସ୍. କେ. ସିଂ

ବନାମ

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଅନ୍ୟମାନେ

19 ଅକ୍ଟୋବର , 1996

[କେ. ରାମାସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ :*

*ଚାକିରିରୁ ଅପସାରଣ — ବ୍ୟାଙ୍କର ଶାଖା ପରିଚାଳକ — ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାରଣ ନଗଦ ଅର୍ଥର ସ୍ୱଳ୍ପତା — ତଦନ୍ତ କରାଗଲା — ଚାକିରିରୁ ଅପସାରଣ ଆଦେଶ — ଏହି ଆଧାରରେ ଆପତ୍ତି କରାଯାଇଥିଲା ଯେ, ତଦନ୍ତ ବିବୃତିର ନକଲ ପ୍ରଦାନ କରାଯାଇ ନାହିଁ — ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ — ଅପିଲରେ ଦର୍ଶାଗଲା, ଯଦିଓ ତଦନ୍ତ ବିବୃତିର ନକଲ ପ୍ରଦାନ କରାଯାଇ ନାହିଁ, କର୍ମଚାରୀ ଏହାର ପ୍ରଦାନ ନ ହେବା କାରଣରୁ ତାଙ୍କ ପ୍ରତି ହୋଇଥିବା ପ୍ରତିକୂଳ ପ୍ରଭାବ ବିଷୟରେ ନ୍ୟାୟାଳୟଙ୍କୁ ହୃଦବୋଧ କରାଇପାରିଲେ ନାହିଁ — ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟରେ କୌଣସି ବେଆଇନତା ନାହିଁ ।*

ପରିଚାଳନା ନିର୍ଦ୍ଦେଶକ, ଇ ସି ଆଇ ଏଲ୍ ହାଇଦ୍ରାବାଦ ଏବଂ ଅନ୍ୟମାନେ ବନାମ ବି. କରୁଣାକର ଏବଂ ଅନ୍ୟମାନେ, **[1993] 4 SCC 727, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 18181/1996

ଏଲ୍. ପି. ଏ. ସଂଖ୍ୟା 80/1996ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର 13.3.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏସ୍. ଏସ୍. ଖଣ୍ଡୁଜା, ଯଶ୍ ପାଲ୍ ଢିଙ୍ଗ୍ରା ଏବଂ ବଳଦେବ ଏଲ୍. ସତୀଜା

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଆବେଦନ ଏଲ୍. ପି. ଏ. ସଂଖ୍ୟା 80/96ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ଗ୍ୱାଲିୟର ବିଚାରପୀଠଙ୍କ ଦ୍ୱାରା 13 ମାର୍ଚ୍ଚ, 1996 ତାରିଖରେ କରାଯାଇଥିବା ରାୟ ବିରୁଦ୍ଧରେ ଦାଖଲ କରାଯାଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ଆବେଦନକାରୀ ଉତ୍ତରଦାତା-ବ୍ୟାଙ୍କରେ ଶାଖା ପରିଚାଳକ ଭାବରେ କାର୍ଯ୍ୟ କରୁଥିଲେ । ଶାଖାର ନଗଦ ଅର୍ଥରେ 20,000 ଟଙ୍କା କମ୍ ଥିବା ଜଣାପଡ଼ିଥିଲା । ତେଣୁ, ତାଙ୍କ ବିରୋଧରେ

ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା ଏବଂ ଏକ ତଦନ୍ତ କରାଯାଇଥିଲା ଏବଂ ତାଙ୍କୁ ଚାକିରିରୁ ହଟାଇ ଦିଆଯାଇଥିଲା । ସେ ତାଙ୍କ ଅପସାରଣ ଆଦେଶକୁ ଏକ ଅପିଲରେ ଆପତ୍ତି କରିଥିଲେ ଯାହା ଖାରଜ ହୋଇଯାଇଥିଲା; ତାଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ମଧ୍ୟ ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ଖାରଜ ହୋଇଥିଲା ଏବଂ ଅପିଲରେ ଏହା ନିଶ୍ଚିତ ହୋଇଥିଲା ।

ଉଚ୍ଚ ନ୍ୟାୟାଳୟରେ ଏକମାତ୍ର ବିବାଦ ଉଠିଥିଲା ଯେ, ତାଙ୍କୁ ତଦନ୍ତ ବିବୃତିର ନକଲ ପ୍ରଦାନ କରାଯାଇନଥିବାରୁ ବରଖାସ୍ତ ଆଦେଶ ଆଇନତଃ ଭୁଲ ଥିଲା । ବିଜ୍ଞ ଏକକ ବିଚାରପତି ତଥା ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ *ପରିଚାଳନା ନିର୍ଦ୍ଦେଶକ, ଇସିଆଇଏଲ୍, ହାଇଦ୍ରାବାଦ ଏବଂ ଅନ୍ୟମାନେ ବନାମ ବି. କରୁଣାକର ଏବଂ ଅନ୍ୟମାନେ,* [1993] 4 SCC 727 ରେ ଏହି ନ୍ୟାୟାଳୟର ସମ୍ବିଧାନ ବିଚାରପୀଠଙ୍କ ରାୟର ବିଷୟବସ୍ତୁକୁ ବିଚାର କରିଛନ୍ତି । ବିଜ୍ଞ ଏକକ ବିଚାରପତି ତଥା ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ଆବେଦନକାରୀଙ୍କୁ ପଚାରିଥିଲେ ଯେ, ପ୍ରଦାନ ନ ହେବା କାରଣରୁ ଆବେଦନକାରୀଙ୍କୁ କ'ଣ ପ୍ରତିକୂଳତା ଭୋଗିବାକୁ ପଡ଼ିଛି । ଯେହେତୁ ଆବେଦନକାରୀଙ୍କ ଦ୍ୱାରା କୌଣସି ପର୍ଯ୍ୟାପ୍ତ ସ୍ପଷ୍ଟୀକରଣ ପ୍ରଦାନ କରାଯାଇ ନଥିଲା, ଉଚ୍ଚ ନ୍ୟାୟାଳୟ ଏହି ଉପସଂହାର ପହଞ୍ଚିଥିଲେ ଯେ, ଯଦିଓ ବିବୃତିର ନକଲ ପ୍ରଦାନ କରାଯାଇ ନାହିଁ, ତଥ୍ୟ ଉପରେ, ଯେହେତୁ କୌଣସି ପ୍ରତିକୂଳତା ପ୍ରମାଣିତ ହୋଇନାହିଁ, ତେଣୁ ଏହା ହସ୍ତକ୍ଷେପ ଆବଶ୍ୟକ କରୁଥିବା ଏକ ମାମଲା ନୁହେଁ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଖଣ୍ଡୁଜା ଯୁକ୍ତି କରିଛନ୍ତି ଯେ, ଯେହେତୁ ଏହି ନ୍ୟାୟାଳୟ ଆଇନ ପ୍ରଣୟନ କରିଛନ୍ତି ଯେ, ତଦନ୍ତ ବିବୃତିର ନକଲ ପ୍ରଦାନ କରିବା ଜଣେ ସକ୍ଷମ ଅଧିକାରୀଙ୍କ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ପୂର୍ବ ସର୍ତ୍ତ, ତେଣୁ ଉପଯୁକ୍ତ ପ୍ରକ୍ରିୟାଟି ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କୁ ମାମଲା ପଠାଇବା ହେବ । *ଏହି ପ୍ରକ୍ରିୟା ପାଇଁ,* ସାଧାରଣତଃ କୌଣସି ବିବାଦ ହୁଏ ନାହିଁ, କାରଣ ଏହି ନ୍ୟାୟାଳୟ ଆଇନ ସ୍ଥିରୀକୃତ କରିଥିଲେ ଯେ, ବିବୃତିର ଏକ ନକଲ କର୍ତ୍ତବ୍ୟଭ୍ରଷ୍ଟ କର୍ମଚାରୀଙ୍କୁ ପ୍ରଦାନ କରାଯିବା ଆବଶ୍ୟକ ଯାହା ତାଙ୍କୁ ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ କିମ୍ବା ଦଣ୍ଡ ବିରୁଦ୍ଧରେ ପ୍ରତିବେଦନ କରିବାକୁ ସକ୍ଷମ କରିବ ଏବଂ ତା' ପରେ, କର୍ତ୍ତୃପକ୍ଷ ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ସ୍ପଷ୍ଟୀକରଣ ଉପରେ ବିଚାର କରିବା ଆବଶ୍ୟକ ଏବଂ ତା' ପରେ ଦଣ୍ଡର ପରିମାଣ ଉପରେ ନିର୍ଣ୍ଣୟ ନେବା ଆବଶ୍ୟକ । ଏହି ମାମଲାରେ, ଯଦିଓ ବିବୃତିର ନକଲ ପ୍ରଦାନ କରାଯାଇ ନଥିଲା, ତାଙ୍କୁ ବିଜ୍ଞ ଏକକ ବିଚାରପତି ତଥା ଖଣ୍ଡପୀଠ ଦ୍ୱାରା ପଚରାଯାଇଥିଲା ଯେ, ବିବୃତି ପ୍ରଦାନ ନ ହେବା କାରଣରୁ ସେ କେଉଁ ପ୍ରତିକୂଳତା ଭୋଗିଲେ; କିନ୍ତୁ ତଦନ୍ତ ବିବୃତି ପ୍ରଦାନ ନ ହେବା କାରଣରୁ ତାଙ୍କ ପ୍ରତି ହୋଇଥିବା ପ୍ରତିକୂଳ ପ୍ରଭାବ ବିଷୟରେ ସେ ବିଜ୍ଞ ବିଚାରପତିମାନଙ୍କୁ ହୃଦବୋଧ କରାଇବାରେ ସକ୍ଷମ ହୋଇନଥିଲେ । ତଥ୍ୟ ଆଧାରରେ, ଆମେ ଜାଣିବାକୁ ପାଇଲୁ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟରେ କୌଣସି ବେଆଇନତା ନାହିଁ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ ହୋଇଛି ।

ଜି. ଏନ୍. ଆବେଦନ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ